# NATIONAL NEWS BULLETIN (ODIA)

## 9 July - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ‘ମେଲବୋର୍ଣ୍ଣସ୍ ମିଟସ୍ ମୋଦୀ’ ସମାବେଶକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ।

– କହିଲେ, ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରରେ ପରିଚୟ ଆଣିଛି ମେକ୍ ଇଣ୍ଡିଆ ପଦକ୍ଷେପ ।

- ବିଜ୍ଞାନ ଓ ନବସୃଜନର ଉପଯୋଗ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ବୈଜ୍ଞାନିକଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ।

– ନାଇଜର୍ ଭୁବନେଶ୍ୱରର ପଞ୍ଚଦଶ ସମାବର୍ତ୍ତନ ସମାରୋହକୁ କଲେ ସମ୍ବୋଧନ ।

- ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବ୍ୟବହୃତ କେତେକ ସାମଗ୍ରୀ ଉପରେ ଛାଡ଼ ହେଲା ମୂଳ ସୀମା ଶୁଳ୍କ ।

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଫ୍ରାନ୍ସ ଏବଂ ମରକ୍କୋ ମଧ୍ୟରେ ଖେଳାଯିବ ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ।

## ପିଏମ୍-ମେଲବୋର୍ଣ୍ଣ

ଭାରତର ଦ୍ରୁତ ଭିତ୍ତିଭୂମି ବିକାଶ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାରଣମୂଳକ ପଦକ୍ଷେପ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନମୋ ଭାରତ ଭଳି ଦ୍ରୁତଗାମୀ ରେଳ ଏବଂ ବନ୍ଦେ ଭାରତ ବ୍ୟବସ୍ଥା ରେଳବାଇର ବ୍ୟାପକତାକୁ ଅଧିକ ସମ୍ପ୍ରସାରଣ କରିବା ସହିତ ଭାରତକୁ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟ୍‌ୱାର୍କରେ ପରିଣତ କରିଛି । ଅଷ୍ଟ୍ରେଲିଆ ମେଲ୍‌ବୋର୍ଣ୍ଣ ସ୍ଥିତ ମାର୍ଭେନ୍ ଷ୍ଟାଡିୟମ୍‌ଠାରେ 'ମେଲ୍‌ବୋର୍ଣ୍ଣ ମିଟସ୍ ମୋଦୀ' ଶୀର୍ଷକ ଏକ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କ ନୂତନ ଶିଖରକୁ ସ୍ପର୍ଶ କରିଛି । ୧୨ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆକୁ ତାଙ୍କର ଏହା ତୃତୀୟ ଗସ୍ତ ଭାବେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏ କ୍ଷେତ୍ରରେ କୂଟନୈତିକ ହ୍ୟାଟ୍ରିକ୍ ପୂରଣ ହୋଇଛି । ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱର ମୂଳଦୁଆକୁ ଅଧିକ ସୁଦୃଢ଼ କରିଥିବାରୁ ପ୍ରବାସୀ ଭାରତୀୟଙ୍କୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି ।

ଅଧିକ ବଢ଼ନ୍ତୁ, ଅଧିକ ହାସଲ କରନ୍ତୁ ଦୃଷ୍ଟିକୋଣ ଆଧାରରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ବିକଶିତ ଭାରତ ପାଇଁ ଏକ ଶକ୍ତି ଶାଳୀ ଢାଞ୍ଚା ଉପରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି । ଚିପ୍ସରୁ ଜାହାଜ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦନ ଭିତ୍ତିକ ଇକୋସିଷ୍ଟମ୍ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ମେକ୍ ଇନ୍ ଇଣ୍ଡିଆ ଇଲେକ୍ଟ୍ରୋନିକ୍ସ ଅଟୋ ମୋବାଇଲ୍ ଏବଂ ଔଷଧ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ ହୋଇଛି ବୋଲି କହିଛନ୍ତି ।

**VO-1--PM-ON-GROW-MORE-ACHIEVE-MORE**

ରଣନୈତିକ ସୁରକ୍ଷା ତଥା ନବସୃଜନ କ୍ଷେତ୍ରରେ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷେତ୍ର ଉପରେ ବିଶ୍ୱସ୍ତରୀୟ ବିଶ୍ୱସନୀୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଅପରେସନ୍ ସିନ୍ଦୂରର ସଫଳତା ଉପରେ ବର୍ଣ୍ଣନା କରିଥିଲେ । ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ପରିଗଣିତ ହୋଇଛି । ଦେଶର ମହାକାଶ କ୍ଷେତ୍ରର ବିକାଶ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଘରୋଇ ମହାକାଶ ଷ୍ଟାର୍ଟଅପ୍ ଭବିଷ୍ୟତରେ ନିଜସ୍ୱ ରକେଟ୍ ବ୍ୟବହାର କରି ଉପଗ୍ରହ ଉତ୍କ୍ଷେପଣ କରିବାକୁ ସକ୍ଷମ ହେବ ।

**VO-2--PM-ON-CHANDRAYAN**

ଆସନ୍ତା ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଭାରତ ପ୍ରସ୍ତୁତ ହେଉଛି । ୨୦୩୬ ଅଲିମ୍ପିକ୍ ଆୟୋଜନ ନେଇ ପ୍ରତିଦ୍ୱନ୍ଦ୍ୱୀତା କରୁଥିବାରୁ କ୍ରୀଡ଼ା ସହଯୋଗ କ୍ଷେତ୍ର ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଅଷ୍ଟ୍ରେଲିଆର ବିକାଶରେ ପ୍ରବାସୀ ଭାରତୀୟଙ୍କ ସକ୍ରିୟ ଅଂଶଗ୍ରହଣକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବାରେ ଏହା ଏକ ଜୀବନ୍ତ ସେତୁ ଭାବେ କାର୍ଯ୍ୟ କରୁଛି ବୋଲି ଶ୍ରୀ ଆଲବାନିଜ୍ ବର୍ଣ୍ଣନା କରିଛନ୍ତି ।

## ଭିପି-ଓଡ଼ିଶା

ରାଷ୍ଟ୍ର ନିର୍ମାଣ ପାଇଁ ବିଜ୍ଞାନ ଓ ନବସୃଜନକୁ ଉପଯୋଗ କରିବା ସହିତ ଦେଶର ଅଖଣ୍ଡତା ଓ ସାମାଜିକ ଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାକୁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଯୁବ ବୈଜ୍ଞାନିକଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ – ନାଇଜର୍‌ର ପଞ୍ଚଦଶ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ଉପରାଷ୍ଟ୍ରପତି ବିଜ୍ଞାନ, ନବସୃଜନ ଏବଂ ବୌଦ୍ଧିକ ନେତୃତ୍ୱ କ୍ଷେତ୍ରରେ ଭାରତର ଆକାଂକ୍ଷାକୁ ନାଇଜର୍ ଅନୁଷ୍ଠାନ ପରିପୂରଣ କରିପାରୁଛି ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ବିକାଶ, ଜାତୀୟ ସୁରକ୍ଷା ଏବଂ ନିରନ୍ତର ବିକାଶକୁ ସୁଦୃଢ଼ କରିବାରେ ଏହି ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ବୈଜ୍ଞାନିକ ଶିକ୍ଷା ଏବଂ ଗବେଷଣାର ଏକ ପ୍ରମୁଖ କେନ୍ଦ୍ର ଭାବେ ନାଇଜର୍

ଉଭା ହେଉଥିବା ବେଳେ ଦେଶ ପାଇଁ ଦକ୍ଷତା ସମ୍ପନ୍ନ ବୈଜ୍ଞାନିକ ମାନବ ସମ୍ବଳ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

ବିଜ୍ଞାନ ଏବଂ ନବସୃଜନ ଉପରେ ଭାରତର ଅଗ୍ରଗତି ଉପରେ ଆଲୋକପାତ କରି ଉପରାଷ୍ଟ୍ରପତି କହିଛନ୍ତି, ମହାକାଶ ମିଶନ୍, ଟୀକା ବିକାଶ, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ସଫଳତା ଦେଶକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି । ଗବେଷଣା, ଚିନ୍ତାଧାରା ଏବଂ ଅଖଣ୍ଡତା ଦୃଷ୍ଟିକୋଣ ଆଧାରିତ ଭବିଷ୍ୟତ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାର୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଗଭ୍-କଷ୍ଟମ୍ ଡ୍ୟୁଟି

ଦେଶର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର କେତେକ ବ୍ୟବହୃତ ସାମଗ୍ରୀ ଉପରେ ମୂଳ ସୀମା ଶୁଳ୍କ ଛାଡ଼ କରିଛନ୍ତି । ସ୍ମାର୍ଟଫୋନ୍, ଲାପ୍‌ଟପ୍, ଇୟର୍ ଫୋନ୍, ହେଡ୍‌ଫୋନ୍ ଏବଂ ସ୍ମାର୍ଟ୍ ଟିଭି ଭଳି ଇଲେକ୍ଟ୍ରୋନିକ୍ସ ଉପକରଣର ଘରୋଇ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ଡିସ୍‌ପ୍ଲେ ଆସେମ୍ବ୍ଲି, ଲିଥିୟମ୍ ଆୟନ୍ ସେଲ୍ ଏବଂ ଇଣ୍ଡକ୍ଟର କଏଲ୍ ଆଦି ସାମଗ୍ରୀ ଅନ୍ତର୍ଭୁକ୍ତ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ତିନୋଟି ପୃଥକ ପୃଥକ ବିଜ୍ଞପ୍ତି ଜାରି ହୋଇଛି । ପି.ଏଲ୍.ଆଇ. ଯୋଜନା ଅଧୀନରେ ଘରୋଇ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରକୁ ଏହା ସହଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଶୁଳ୍କ ଛାଡ଼ ଦ୍ୱାରା ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ସ୍ଥାନୀୟ ଉତ୍ପାଦନ ବୃଦ୍ଧି ସହ ଇଲେକ୍ଟ୍ରୋନିକ୍ ଇକୋସିଷ୍ଟମ୍ ଅଧିକ ମଜବୁତ ହୋଇପାରିବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ଏସ୍. କ୍ରିଷ୍ଣନ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ପଦକ୍ଷେପ ଦେଶରେ ମୂଲ୍ୟ ଶୃଙ୍ଖଳ ଏବଂ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିବାରେ ସହାୟକ ହେବ ।

## ବ୍ରିକ୍ସ-କୋଚି ମିଟିଂ

କେରଳମ୍‌ର କୋଚିଠାରେ ଚାଲିଥିବା ବ୍ରିକ୍ସ ମହିଳା ମନ୍ତ୍ରୀଙ୍କ ବୈଠକ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଅଧିବେଶରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଯୋଗଦେଇ କହିଛନ୍ତି, ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଭୁକ୍ତ ମନ୍ତ୍ରୀଗଣ ମହିଳା ବିକାଶ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ମତ ଉପସ୍ଥାପନ କରିଛନ୍ତି । ଏଭଳି ଚିନ୍ତାଧାରା ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏ କ୍ଷେତ୍ରର ଆଲୋଚନାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଶାବ୍ୟକ୍ତ କରିଛନ୍ତି । ମହିଳା ନେତୃତ୍ୱ ବିକାଶ ଉପରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହଯୋଗକୁ ତ୍ୱରାନ୍ୱିତ କରିବାରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି । ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ୪ ଦିନିଆ ଆଲୋଚନା ବୈଠକ ଗୁଡ଼ିକରେ ବ୍ରିକ୍ସ ମହିଳା କାର୍ଯ୍ୟଗୋଷ୍ଠୀ ଏବଂ ବ୍ରିକ୍ସ ମହିଳା ମନ୍ତ୍ରୀ ସ୍ତରୀୟ ବୈଠକ ଅନ୍ତର୍ଭୁକ୍ତ ଥିଲା । ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଦକ୍ଷତା ବୃଦ୍ଧି ନେଇ ଭାରତର ପ୍ରସ୍ତାବକୁ ବୈଠକରେ ସ୍ୱାଗତ କରାଯାଇଛି । ସମାବେଶୀ ଏବଂ ନିରନ୍ତର ଅଭିବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ ଭାବେ ମହିଳା ନେତୃତ୍ୱାଧୀନ ବିକାଶ ପ୍ରତି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।

# ଏଚ୍‌ଏମ୍‌-ଏସ୍‌ପି କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ସୀମାନ୍ତ ଜିଲ୍ଲାଗୁଡ଼ିକର ପୋଲିସ୍ ଅଧୀକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜାମ୍ମୁ କାଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ରାଜସ୍ଥାନ, ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସମେତ ସୀମାନ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପୋଲିସ୍ ଅଧୀକ୍ଷକ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ସମ୍ମିଳନୀରେ ଯୋଗ ଦେଇଛନ୍ତି ।

ସୀମାନ୍ତ ଅଞ୍ଚଳଗୁଡ଼ିକର ପରିସ୍ଥିତିର ସମୀକ୍ଷା ସହିତ ଉନ୍ନତ କାର୍ଯ୍ୟାନ୍ୱୟନ ପାଇଁ ମାର୍ଗ ଚିହ୍ନଟ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଫଳରେ ଦେଶର ସୀମା ସୁରକ୍ଷା ଢାଞ୍ଚା ଅଧିକ ସଶକ୍ତ ହୋଇପାରିବ । ଅନୁପ୍ରବେଶ ଏବଂ ବେଆଇନ ଭାବେ ବସବାସ କରୁଥିବା ଲୋକଙ୍କ ବିରୁଦ୍ଧରେ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଦେଶର ବିଭିନ୍ନ ପ୍ରାନ୍ତରେ ଜନସଂଖ୍ୟାଗତ ପରିବର୍ତ୍ତନର କାରଣ ଯାଞ୍ଚ କରିବା ଏବଂ ଏହାକୁ ଚିହ୍ନଟ କରିବା ନେଇ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିଶ୍

ପୃଷ୍ଠଭୂମିରେ ଏହି ସମ୍ମିଳନୀ ଆୟୋଜନ ହେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ଫିଫା

ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜିଠାରୁ କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହେଉଛି । ବୋଷ୍ଟନ୍‌ଠାରେ ଆଜି ବିଳମ୍ବିତ ରାତିରେ ପ୍ରଥମ କ୍ୱାର୍ଟର୍ ଫାଇନାଲ୍‌ରେ ଫ୍ରାନ୍ସ ଏବଂ ମରକ୍କୋ ପରସ୍ପରକୁ ଭେଟିବେ । ଆସନ୍ତାକାଲି ସ୍ପେନ୍ ଏବଂ ବେଲ୍‌ଜିୟମ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ନରୱେ ଏବଂ ଇଂଲଣ୍ଡ ଓ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଅନ୍ୟ ଦୁଇଟି କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## କ୍ରିକେଟ୍-ଟି-୨୦

ଭାରତ-ଇଂଲଣ୍ଡ  ଚତୁର୍ଥ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ବ୍ରିଷ୍ଟଲରେ ଖେଳାଯିବ । ଏହି ମ୍ୟାଚ୍ ସ୍ଥାନୀୟ କାଉଣ୍ଟି ପଡ଼ିଆରେ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ । ପାଞ୍ଚମ୍ୟାଚ୍ ବିଶିଷ୍ଟ

ଏହି ସିରିଜ୍‌ରେ ବର୍ତ୍ତମାନ ଇଂଲଣ୍ଡ ୨-୦ରେ ଆଗୁଆ ରହିଛି । ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା ।

## ଉତ୍ତରାଖଣ୍ଡ

ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ସମସ୍ତଙ୍କ ପାଇଁ ଜୀବନବ୍ୟାପି ସାକ୍ଷରତା କାର୍ଯ୍ୟକ୍ରମ – ଉଲ୍ଲାସ ଅଧୀନରେ ନିର୍ଦ୍ଧାରିତ ବୟସ୍କ ସାକ୍ଷରତା ମାନଦଣ୍ଡ ହାସଲ କରିବାରେ ଉତ୍ତରାଖଣ୍ଡ ଦେଶର ଷଷ୍ଠ ପୂର୍ଣ୍ଣ ସାକ୍ଷର ରାଜ୍ୟ ହୋଇଛି । ଏହି ସଫଳତା ସହିତ ଉତ୍ତରାଖଣ୍ଡ ପୂର୍ଣ୍ଣ ସାକ୍ଷର ରାଜ୍ୟ ତାଲିକାରେ ମିଜୋରାମ, ଗୋଆ, ତ୍ରିପୁରା, ହିମାଚଳ ପ୍ରଦେଶ ଏବଂ ସିକ୍କିମ୍ ସହିତ ଯୋଡ଼ି ହୋଇଛି ।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ସଫଳତାକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି ।